**CLASS: IV**

**SUBJECT : ଓଡିଆ**

**CHAPTER NAME : ମାଟି ଗଲା ବିଗିଡି**

**SUBTOPIC : ବିଷୟ  ବାଖ୍ୟା ଓ କଠିନ ଶବ୍ଦ**



ଅଜା କହିଲେ, " ଶୁଣ ପିଲାଏ, ଆମ ଏଇ ନଈକୂଳିଆ ଗାଆଁଟିର ମାଟି ଆଗେ ଖୁବ୍ ଉର୍ବର ଥିଲା । ମଞ୍ଜିଟାଏ କି ଚାରାଟାଏ ପୋତିଦେଲେ ମନକୁ ମନ କାହିଁରେ କ'ଣ ବଢ଼ିଯାଉଥିଲା । କିଛି ବର୍ଷ ତଳେ ଏ ଅଞ୍ଚଳରେ ଗୋଟାଏ ବଡ଼ ଧରଣର ବାତ୍ୟା ହେଲା । ବାତ୍ୟାରେ ଲୋକମାନଙ୍କର ଘରଦ୍ୱାର ଯାହା ତ ଭାଙ୍ଗିଲା, ତା ସହିତ ଅଧାରୁ ଅଧିକ ବଡ଼ବଡ଼ ଗଛସବୁ ଉପୁଡ଼ି ପଡ଼ିଲା । ବାତ୍ୟା ପରେ କ୍ଷେତବାଡ଼ିରେ ପୋକ ଭର୍ତ୍ତି ହୋଇଗଲେ । ପୋକଙ୍କ ଦାଉରୁ ଫସଲ ରକ୍ଷା କରିବା ପାଇଁ ଚାଷୀମାନେ ମନଇଚ୍ଛା ପୋକମରା ବିଷ ପକାଇଲେ ।"

ବାପୁ କହିଲା, "ସେ ତ ପୋକମରା ଔଷଧ, ତାକୁ ଆପଣ ବିଷ ବୋଲି କାହିଁକି କହୁଛନ୍ତି ?'' ଅଜା ଟିକିଏ ହସିଲେ । କହିଲେ, " ସେ ପ୍ରକୃତରେ ଔଷଧ ନୁହେଁ ଖାଣ୍ଟି ବିଷ । କେବଳ ପୋକ କାହିଁକି ସେଥିରେ କାଉ, ଚିଲ, ବଗ ଭଳି ପକ୍ଷୀଙ୍କ ସହିତ ଗୋରୁଗାଈ, ଛେଳି ମେଣ୍ଢା ଏପରିକି ମଣିଷ ମଧ୍ୟ ମରିଯିବେ ।



ତାକୁ ଔଷଧ ନ କହି ବିଷ ବୋଲି କହିବା ଠିକ୍ ହେବ ।’’

ଅଜା ପୁଣି କହିଲେ, “ ଲୋକମାନେ କ୍ଷେତବାଡ଼ିରେ ବିଷ ପକାଇବା ଫଳରେ ଅବଶ୍ୟ ଗଛପତରରୁ ପୋକ ମରିଗଲେ; ହେଲେ ଆଉ ଗୋଟାଏ କ୍ଷତି ହେଲା । ମାଟିରୁ ଜିଆମାନେ ମଧ୍ୟ ମରିଗଲେ ।

ପିଲା ଦୁହେଁ ହଠାତ୍ ବୁଝିପାରିଲେ ନାହିଁ ଯେ ମାଟିରୁ ଜିଆମାନେ ମରିଯିବାରୁ କ୍ଷତି କଅଣ ହେଲା ! ଅଜା କହିଲେ, “ବୁଝିଲ, ଜିଆ ହେଉଛି କୃଷକର ପ୍ରକୃତ ବନ୍ଧୁ । ମାଟି ଭିତରେ ଅସଂଖ୍ୟ ଅଣୁଜୀବ ଅଛନ୍ତି । ସେମାନେ ଏତେ କ୍ଷୁଦ୍ର ଯେ ଖାଲି ଆଖିକୁ ଦେଖାଯାଆନ୍ତି ନାହିଁ । ଜିଆମାନେ ମାଟିକୁ ଖୋଳନ୍ତି, ମାଟିକୁ



ଖାଆନ୍ତି । ଜିଆମାନେ ମାଟିକୁ ଖୋଳିଲେ ତାହା ଫସଫସିଆ ହୋଇଯାଏ । ମାଟିକୁ ଫସଫସିଆ କରିବାରେ ଅଣୁଜୀବମାନେ ସାହାଯ୍ୟ କରନ୍ତି । ତା ଫଳରେ ମାଟି ଉର୍ବର ହୋଇଥାଏ ।

ବାପୁ,ଦୀପୁ ଆଗ୍ରହରେ ଅଜାଙ୍କ କଥା ଶୁଣୁଥିଲେ । ସେମାନେ ପଚାରିଲେ, “ତା ପରେ କଅଣ ହେଲା ?’’

ଅଜା କହିଲେ, “ ପୋକମରା ବିଷର ପ୍ରୟୋଗ ଫଳରେ ମାଟିରୁ ଜିଆ ମଲେ, ତାଙ୍କ ସହିତ ଉପକାରୀ ଅଣୁଜୀବମାନେ ମଧ୍ୟ ମଲେ । ଫଳରେ ମାଟିର ଜୀବନୀ ଶକ୍ତି ଚାଲିଗଲା । ସେ ଆଉ ଲୋକଙ୍କ

ODM EDUCATIONAL GROUP Changing your Tomorrow

କଥା ଶୁଣିଲା ନାହିଁ । ତା ପରେ ଲୋକମାନେ ମାଟିରେ ଦେଲେ ରାସାୟନିକ ସାର । ଏହା ଦ୍ୱାରା ଫସଲ ଅମଳ ଭଲ ହେଲା, ମାତ୍ର ମାଟିର ସ୍ୱଭାବଟା ବିଗିଡ଼ିଗଲା । ସାର ଦେଲେ ଫଳିବ, ନ ହେଲେ ନାହିଁ । ତା ସହିତ ପୁଣି ଶାଗପତରଠାରୁ ଆରମ୍ଭ କରି ପନିପରିବା ପର୍ଯ୍ୟନ୍ତ ସବୁଥିରେ ଛିଞ୍ଚାଗଲା ମାରାତ୍ମକ ପୋକମରା ବିଷ । ପ୍ରତିଦିନ ବଜାରରୁ ଆମେ ଯେଉଁ ପନିପରିବା କିଣିକରି ଖାଉଛୁ, ତା ଦେହରେ କେତେ ବିଷ ଲାଗିକରି ରହିଛି ଜାଣିଛ ? ସେ ସବୁ ତ ଆମ ପେଟକୁ ଯାଉଛି । ଆମେ ତ ସବୁଦିନେ ବିଷ ଖାଉଛୁ ।”

ବାପୁ କହିଲା, “ଅଜା, ଆପଣ ରାସାୟନିକ ସାର ଓ ପୋକମରା ବିଷ ବ୍ୟବହାର କରୁନାହାନ୍ତି ?”

ଅଜା ଜୋର ଦେଇ କହିଲେ, “ନା-ନା-ନା । ମୁଁ ଏ ସବୁ କେବେ ବ୍ୟବହାର କରେ ନାହିଁ । ଆମ ପାଖରେ ତ ଢେର ପ୍ରାକୃତିକ ସାର ଅଛି । ପିଡ଼ିଆ, ଗୋବରଖତ, କମ୍ପୋଷ୍ଟ ଖତ ଏସବୁ ହେଉଛି ପ୍ରାକୃତିକ ସାର । ପ୍ରାକୃତିକ ସାର ଦେଲେ ପୋକମରା ବିଷ ପକାଇବା ଦରକାର ହେବ ନାହିଁ । ତା ଫଳରେ ଆମେ ଶୁଦ୍ଧ ଖାଦ୍ୟ ଖାଇବା ।

ଅଜାଙ୍କ ଠାରୁ ଏତେକଥା ଶୁଣିବା ପରେ ବାପୁ ମୁଣ୍ଡରେ ଗୋଟିଏ ପ୍ରଶ୍ନ ଖେଳୁଥିଲା । ବାତ୍ୟାରେ ତ ଗଛ ଉପୁଡ଼ିଲା, ହେଲେ କ୍ଷେତରେ ପୋକ ବଢ଼ିଲେ କାହିଁକି, ଅଜା ତାର ସନ୍ଦେହ ଦୂର କରିବାକୁ ଯାଇ କହିଲେ, “ଗଛରେ ଚଢ଼େଇମାନେ ବସାକରି ରହନ୍ତି । ସେମାନେ ବିଲବାଡ଼ିରୁ ପୋକ ଖାଆନ୍ତି । ବାତ୍ୟାରେ ଗଛ ଉପୁଡ଼ିଯିବାରୁ ସେମାନଙ୍କ ମଧ୍ୟରୁ କେତେକ ମଲେ, ଆଉ କେତେକ ଆଶ୍ରୟହୀନ ହୋଇ ଅନ୍ୟଆଡ଼େ ଉଡ଼ିଗଲେ । ଫଳରେ ପୋକସଂଖ୍ୟା ବଢିଲା ।’’

ଗୋଟିଏ କଥାରୁ ଯେ ଏତେ କଥା ଘଟିଯାଏ, ଏକଥା ଜାଣି ଦୁଇଭାଇ ଚୁପ ରହିଲେ । ଏଥର ଅଜା ଉଠିଲେ । କହିଲେ, “ଚାଲ ପିଲାଏ, ସନ୍ଧ୍ୟା ହୋଇଗଲାଣି ଘରକୁ ଯିବା ।”

# କଠିନ ଶବ୍ଦ

- ଅଣୁଜୀବ_ଅତି ଛୋଟ ଜୀବ
- ସ୍ୱଭାବ-ପ୍ରକୃତି
- କୃତ୍ରିମ _ମଣିଷ ତିଆରି
- ମଜଭୁତ _ଦୃଢ଼
- ଜ ।ବନୀଶକ୍ତି_ଯେଉଁଶକ୍ତି ଜୀବନ ଦିଏ
- ମାରାତ୍ମକ _ଯାହା ମାରିଦିଏ
- ପ୍ରାକୃତିକ _ଯାହା ପ୍ରକୃତିଦ୍ୱାରା ମିଳେ
- ଆଶ୍ରୟହୀନ_ବାସ ନାହିଁ ଯାହାର
- ରାସାୟନିକ _ରସାୟନ ସମ୍ବନ୍ଧୀୟ

# THANKING YOU

# ODM EDUCATIONAL GROUP